ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**ସପ୍ତାହ ସଂଖ୍ୟା -୧୭**

DeepanjaliDugal,
Jr. Agrometeorologist

ବୁଲେଟିନ ନମ୍ବର :୩୩
ତାରିଖ : ୨୩.୦୪.୨୦୨୪
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୭.୦୪.୨୦୨୪ ରୁ ୨୩.୦୪.୨୦୨୪)

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୪୦.୫-୪୩.୭ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୪.୦-୨୮.୧ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୮ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 24-04-2024 | 2 | 39 | 26 | 6 | 44 | 15 | 10 | 180 |
| 25-04-2024 | 0 | 40 | 27 | 2 | 33 | 15 | 11 | 257 |
| 26-04-2024 | 0 | 41 | 26 | 1 | 65 | 11 | 11 | 180 |
| 27-04-2024 | 0 | 42 | 26 | 1 | 56 | 10 | 11 | 292 |
| 28-04-2024 | 0 | 42 | 26 | 2 | 42 | 11 | 12 | 290 |

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆସନ୍ତା କାଲି ଅତି ସ୍ୱଳ୍ପ ବର୍ଷା ଓ ଏହା ପରେ ଆଗାମୀ ୪ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ରହିବାର ସମ୍ଭାବନା ଅଛି । ଆକାଶ ମୁଖ୍ୟତଃ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବ ।ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୧୦-୧୨ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇ ୩୯.୦ ରୁ ୪୨.୦ ଡି.ସେ ଓ ସର୍ବନିମ୍ନ ତାପମାତ୍ରା ୨୬.୦ ଡି.ସେ ରହିବା ସହିତ ଗୁରୁବାର ଦିନ ୨୭.୦ ଡି.ସେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୩୩ ରୁ ୬୫ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୦ ରୁ ୧୫ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ଯେଉଁ ଜମିରେ ମାଟିର ଆର୍ଦ୍ରତା ଅଛି ସେଠାରେ ପ୍ରଥମ ଖରାଟିଆ ଚାଷ କରି ଦିଅନ୍ତୁ ।
- ଧାନ କେଣ୍ଡାରେ ଶତକଡା ୮୫ ଭାଗ ଧାନ ପାଚି ଗଲା ପରେ ଓ ହଳଦିଆ କିମ୍ବା ସୁନା ରଙ୍ଗର ହୋଇ ଗଲେ ଅମଳ କରନ୍ତୁ ନଚେତ ଧାନ ଝଡି ପଡିବାର ସମ୍ଭାବନା ଥାଏ ।
- ଅମଳ ହୋଇଥିବା ଡାଲିଜାତୀୟ ଓ ତୈଳବୀଜ ଜାତୀୟ ଫସଲକୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ଭଲ ଭାବରେ ସଫା କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ(ଡାଲୁଆ) | ଦାନା ସଂଚାର ଅବସ୍ଥା | • ଧାନ ଫସଲରେ କେଣ୍ଡା ଅଷ୍ଟପଦୀ ପୋକର ନିରାକରଣ ପାଇଁ ଏକର ପ୍ରତି Diafenthiuran @ ୪୦୦ ଗ୍ରାମ କିମ୍ବା Spiromesifen @ ୨୦୦ ମିଲି କିମ୍ବା Fenpyroximate @ ୪୦୦ ମିଲି, ୨୦୦ ଲିଟର ପାଣରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଧାନରେ କେଣ୍ଡାକାଟା ପୋକ ଦେଖାଦେଲେ Quinalphos ୨୫ EC ୪୦୦ ମିଲି କିମ୍ବା Chlorpyriphos ୨୦EC ଏକର ପ୍ରତି ୨୦୦ ଲିଟର ପାଣି ରେ ମିଶାଇ ସକାଳ ସମୟରେ ଧାନ ଗଛ ମୂଳ ରେ ସିଂଚନ କରନ୍ତୁ । |
| ଆଖୁ | ଜୈବିକଅବିବୃଦ୍ଧି ଅବସ୍ଥା | ଆଖୁରେ କଳାଛାଟ ରୋଗ ନହେବା ପାଇଁ ବିହନ ଲଗାଇବା ସମୟରେ ପୁଆକୁ ଲିଟର ପ୍ରତି ୧-୧.୫ ଗ୍ରାମ Carbendazim ଦ୍ରବଣ ରେ ୧୫-୨୦ ମିନିଟ ବୁଡାଇ ରଖି ଲଗାଇବା ଉଚିତ । ପ୍ରାଥମିକ ଅବସ୍ଥାରେ ଏହି ରୋଗର ନିରାକରଣ ପାଇଁ ରୋଗାକ୍ରାନ୍ତ ଅଂଶକୁ ସଂଗ୍ରହ କରି ଦୂରରେ ଫୋପାଡି ଦିଅନ୍ତୁ । ରାସାୟନିକ ଉପାୟରେ ଏହାର ନିରାକରଣ ପାଇଁ ଏକର ପ୍ରତି ୨୦୦ ଗ୍ରାମ Triadimefon କିମ୍ବା ୬୦୦ ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ପତ୍ର ସିଂଚନ କରନ୍ତୁ । |

| | | |
|---|---|---|
| **ଭେଣ୍ଡି:** | ଫୁଲ ଓ ଫଳ ଧରିବା ଅବସ୍ଥା | ପ୍ରାଥମିକ ଅବସ୍ଥାରେ ଗଣ୍ଠି ଓ ଫଳ ବିନ୍ଧା ପୋକ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଜୈବିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ଗ୍ରାମ Bacillus thuringiensis ଜୈବ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ଏକର ପ୍ରତି ୮୦ ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୮୦ ମି.ଲି Chlorantraniliprole ନାମକ କୀଟନାଶକ କିମ୍ବା ୩୦୦ ମି.ଲି Pyridalyl ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **କଖାରୁ ଜାତୀୟ ପନିପରିବା:** | ଫଳ ଧରିବା ଅବସ୍ଥା | ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଫସଲ ଯଥା କଖାରୁ, କାକୁଡି, କଲରା, ଜହ୍ନି, ଇତ୍ୟାଦି ଫସଲ ରେ ଫଳମାଛି ଲାଗିବାର ସମ୍ଭାବନା ରହିଛି । ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୪ ଲିଟର ପାଣିରେ ୪୦୦ ଗ୍ରାମ ଗୁଡ ଓ ୮ ମିଲି malathion ବା DDVP କୀଟନାଶକ ମିଶାଇ ବିଷ ଥୋପ ପ୍ରସ୍ତୁତ କରନ୍ତୁ। ଏହି ବିଷ ଥୋପ କୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ ଟି ସ୍ଥାନରେ ଛୋଟ ସଢେଇ କିମ୍ବା ମାଟିରେ କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ। ଏହା କରିବା ଦ୍ଵାରା ଫଳମାଛି ଗୁଡିକ ଏହି ବିଷ ଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । |
| **ବାଇଗଣ:** | ଫୁଲ ଓ ଫଳ ଧରିବା ଅବସ୍ଥା/ ପାକଳ ଅବସ୍ଥା | ପ୍ରାଥମିକ ଅବସ୍ଥାରେ ଗଣ୍ଠି ଓ ଫଳ ବିନ୍ଧା ପୋକ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଜୈବିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ଗ୍ରାମ Bacillus thuringiensis ଜୈବ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ଏକର ପ୍ରତି ୮୦ ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୮୦ ମି.ଲି Chlorantraniliprole ନାମକ କୀଟନାଶକ କିମ୍ବା ୩୦୦ ମି.ଲି Pyridalyl ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ନଡିଆ:** | ଫଳ ଧରିବା ଅବସ୍ଥା | ନଡିଆ ଗଛରେ କାଳିମୁଣ୍ଡି ପୋକର ନିରାକରଣ କରିବା ପାଇଁ ବ୍ରାକୋନ କାର୍ଡ ଜୈବ ପରୀକ୍ଷାଗାରରୁ ଆଣି ଗଛ ବାହୁଙ୍ଗାରେ ବାନ୍ଧି ଦିଅନ୍ତୁ । ଅଧିକ ଆକ୍ରାନ୍ତ ବାହୁଙ୍ଗା କୁ କାଟି ପୋଡି ଦିଅନ୍ତୁ । ୧୦ ଲିଟର ପାଣିରେ Chlorantraniliprole ୧୮.୫ % SC @ ୪ ମିଲି କିମ୍ବା Emamectin Benzoate ୫% SG @ ୪ ଗ୍ରାମ ମିଶାଇ ପତ୍ର ରେ ସିଞ୍ଚନ କରନ୍ତୁ । |

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**